**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୮୮ ● ପାଉଣ୍ଡ ୧୨୨.୮୬
- ୟୁରୋ ୧୦୭.୯୬ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା:୧,୫୪,୬୫୦ (ଭୁବନେଶ୍ୱର)
- ରୁପା : ୨,୫୫,୧୭୨ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୨୮୭.୦୦
- ନିଫ୍ଟି ୨୫,୧୭୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଗ୍ରାହକ ସଚେତନତା ଉପରେ ଆର୍‌ବିଆଇର ଟାଉନହଲ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୨ (ସମିସ)




ଆର୍ଥିକ ସଚେତନତା ସୃଷ୍ଟି ସହିତ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱଶୀଳ ଆର୍ଥିକ ବ୍ୟବହାର ଅନୁସରଣ ଏବଂ ସୁଚିନ୍ତିତ ଆର୍ଥିକ ସିଦ୍ଧାନ୍ତ ଗ୍ରହଣ ପାଇଁ ସକ୍ଷମ କରିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶନିବାର ଭୁବନେଶ୍ୱରରେ ଗ୍ରାହକ ସଚେତନତା ଉପରେ ଏକ ଟାଉନହଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରବିଆଇର ଡେପୁଟି ଗଭର୍ଣ୍ଣର ଶିରିଷ ଚନ୍ଦ୍ର ମୁର୍ମୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଡ଼ଃ ସାରଦା ପ୍ରସନ୍ନ ମହାନ୍ତି, କ୍ଷେତ୍ରୀୟ ନିର୍ଦ୍ଦେଶକ, ନେଙ୍ଗନେଇକିମ ଗୁଇତେ, ବ୍ୟାଙ୍କିଂ ଓମ୍ବୁଡସମ୍ୟାନ୍ ଏବଂ ଅନିତା ପଟ୍ଟନାୟକ, ମହାପ୍ରବନ୍ଧକ, ଆରବିଆଇ ଭୁବନେଶ୍ୱର ଉପସ୍ଥିତ ଥିଲେ । ସେମାନଙ୍କ ସହିତ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସଏଲବିସି ର କନଭେନର, ଆରବିଆଇ, ନାବାର୍ଡ, ସିଡ଼ବି ଏବଂ ନ୍ୟାସନାଲ ହାଉସିଂ ବ୍ୟାଙ୍କ ର ବରିଷ୍ଠ ଅଧିକାରୀମାନେ, ବିଭିନ୍ନ ବ୍ୟାଙ୍କର ନିୟନ୍ତ୍ରଣ ମୁଖ୍ୟମାନେ , ସ୍ୱୟଂ ସହାୟକ ଗୋଷ୍ଠୀ , ଛାତ୍ରଛାତ୍ରୀ, କୃଷକ, ଉଦ୍ୟମୀ ଏବଂ ବରିଷ୍ଠ ନାଗରିକମାନଙ୍କ ପରି ବିଭିନ୍ନ ଲକ୍ଷ୍ୟ ଗୋଷ୍ଠୀର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ମୁର୍ମୁ ଗ୍ରାମ, ସ୍କୁଲ, ମହାବିଦ୍ୟାଳୟ ଏବଂ ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ଆର୍ଥିକ ସଚେତନତା ପହଞ୍ଚାଇବା ପାଇଁ ଆରବିଆଇ ଭୁବନେଶ୍ୱରର ଉଦ୍ୟମକୁ ପ୍ରଶଂସା କରିଥିଲେ । ସେ ଡିଜିଟାଲ ଦେୟ ପ୍ରଣାଳୀର ପ୍ରଭାବ ବିଷୟରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ଜନସାଧାରଣ ସାଇବର ଠକାମୀରୁ ବଞ୍ଚିବା ପାଇଁ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରିବା ଉପରେ ଜୋର ଦେଇଥିଲେ ।

## ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୮।୨ (ସମିସ): ଭୁବନେଶ୍ୱର ସ୍ଥିତ ସିଜିୟୁ ତଥା ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶାର ପ୍ରସିଦ୍ଧ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦବୋଧନ କରିଥିଲେ । ସିଜିୟୁର ଭାଇସ ପ୍ରେସିଡେଣ୍ଟ ଶୈଳଜା ଅଭିଭାଷଣ ଦେଇ ନବୋନ୍ମେଷ ଏବଂ ପେଟେଣ୍ଟ ଫାଇଲିଂକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଥିବା ଉଲ୍ଲେଖ କରିଥିଲେ । ସେହିପରି ସିଜିୟୁର ପ୍ରତିଷ୍ଠା ତଥା ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟର ମୂଲ୍ୟ ଏବଂ ମହତ୍ତ୍ୱ ସମ୍ପର୍କରେ ସଚେତନ କରିଥିଲେ । ସେ ଏହି ଅବସରରେ କୃତି କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ । ମେକାନିକାଲ ବିଭାଗର ଶିକ୍ଷକ ଡ. ଶଚିନ୍ଦ୍ର କୁମାର ରାଉତ, ଭୌତିକ ବିଜ୍ଞାନର ଡ. ତନ୍ମୟ ବଡ଼ପଣ୍ଡା, ଗଣିତର ଡ, ଗଣେଶ୍ୱର ମହାନ୍ତି, ସିଏସଇର ଡ. ଦେବେନ୍ଦ୍ର ମୁଦୁଲି, ମେକାନିକାଲର ଡ. ହଲୋଲ ଜର୍ଦ୍ଦାର ଏବଂ ଡ. ଅର୍କ ଘୋଷଙ୍କୁ ସମ୍ମାନିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଭାଇସ ଚାନ୍ସେଲର ପ୍ରଫେସର ଡ. ଗୁଡ଼ା ଶ୍ରୀଦେବୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସଫଳତା ବିଷୟରେ ଆଲୋକପାତ କରିଥିଲେ । ରେଜିଷ୍ଟ୍ରାର ଡ. ବିନୀତା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଆଇ-ପାୱାର୍ଡ ସର୍ଚ୍ଚ ସୁବିଧା ଆଣିଲା ଫୋନ୍‌ପେ

ମୁମ୍ବାଇ, ୨୮।୨ (ସମିସ): ଫୋନପେ ପକ୍ଷରୁ ମାଇକ୍ରୋସଫ୍ଟ ଫାଉଣ୍ଡ୍ରି ସହାୟତାରେ ପ୍ରସ୍ତୁତ ଏକ ଏଆଇ-ପାୱାର୍ଡ 'ନ୍ୟାଚୁରାଲ ଲାଙ୍ଗୁଏଜ ସର୍ଚ୍ଚ' ବୈଶିଷ୍ଟ୍ୟର ଶୁଭାରମ୍ଭ କରାଯାଇଛି । ଏହା ମାଧ୍ୟମରେ ବ୍ୟବହାରକାରୀ ସାଧାରଣ ଭାଷାରେ ଟେକ୍ସଟ କିମ୍ବା ଭଏସ କମାଣ୍ଡ ମାଧ୍ୟମରେ ଆପ୍ ଭିତରେ ସବୁ କାର୍ଯ୍ୟ କରିପାରିବେ । ଏହି ଫିଚର ମାଇକ୍ରୋସଫ୍ଟ ଫାଉଣ୍ଡ୍ରିର କ୍ଷମତାକୁ ବ୍ୟବହାର କରି ପାରମ୍ପରିକ ପଦ୍ଧତି ବଦଳରେ ୟୁଜରଙ୍କ ଉଦ୍ଦେଶ୍ୟକୁ ବୁଝି ସେମାନଙ୍କୁ ସିଧାସଳଖ ନିର୍ଦ୍ଦିଷ୍ଟ ପୃଷ୍ଠାକୁ ନେଇଯିବ । କମାଣ୍ଡ ଦେଲେ କାହାକୁ ଟଙ୍କା ପଠାଯିବ ତାଙ୍କ ନାମ ଆସିଯିବ । ଏହି ଅବସରରେ ଫୋନପେର ପ୍ରତିଷ୍ଠାତା, ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଟିଓ ରାହୁଲ ଚାରୀ କହିଛନ୍ତି ଯେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପେମେଣ୍ଟ ସୁବିଧାକୁ ସହଜ ଏବଂ ଏଆଇ ମାଧ୍ୟମରେ ବ୍ୟବହାରକାରୀଙ୍କ ଆବଶ୍ୟକତାକୁ ବୁଝି ସେବା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ମାଇକ୍ରୋସଫ୍ଟ ଇଣ୍ଡିଆ ଏବଂ ଦକ୍ଷିଣ ଏସିଆର ସଭାପତି ପୁନୀତ ଚାନ୍ଦୋକ କହିଛନ୍ତି ଯେ ଫୋନପେର ଏହି ନୂଆ ଏଆଇ-ପାୱାର୍ଡ ଅନୁଭୂତି ଡିଜିଟାଲ ପେମେଣ୍ଟକୁ ଆହୁରି ସହଜ ଏବଂ ସୁଲଭ କରିବା ଦିଗରେ ଏକ ଶକ୍ତ ପଦକ୍ଷେପ ।

## ଆମାଜନର ଏଆଇ ପରିଚାଳିତ ହୋଲି ଷ୍ଟୋର୍ ଲାଇଭ

ମୁମ୍ବାଇ,, ୨୮।୨ (ସମିସ): ରଙ୍ଗର ଉତ୍ସବ ପାଇଁ ଭାରତ ବର୍ଷ ପ୍ରସ୍ତୁତ ହେଉଥିବାବେଳେ ଆମାଜନ.ଇନ ସ୍ୱତନ୍ତ୍ର ହୋଲି ଷ୍ଟୋର୍ ଶୁଭାରମ୍ଭ କରିଛି । ଏଠାରେ ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଘର ସାଜସଜ୍ଜା, ଖେଳଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀର ଏକ ବିସ୍ତୃତ ସମ୍ଭାର ରହିଛି । ଷ୍ଟୋରରେ ଚର୍ମ-ଅନୁକୂଳ ହର୍ବାଲ ରଙ୍ଗ ଏବଂ ଉତ୍ସବର ମିଠା ଠାରୁ ଆରମ୍ଭ କରି ପିଚକାରୀ, ପାର୍ଟି-ପ୍ରସ୍ତୁତ ପୋଷାକ,




ଜଳପ୍ରତିରୋଧୀ ମେକଅପ୍, ପୋର୍ଟେବଲ୍ ସ୍ପିକର, ସ୍ମାର୍ଟ ଡିଭାଇସ୍ ଆଦି ସବୁକିଛି ରହିଛି । ଆମାଜନ ଏଆଇ-ଚାଳିତ ଉପକରଣ ସହିତ ହୋଲି ସପିଂକୁ ସରଳ ଏବଂ ସହଜ କରୁଛି । ଏହି ହୋଲିରେ ଆମାଜାନ ପେ ୮ ତାରିଖ ପର୍ଯ୍ୟନ୍ତ ୟୁପିଆଇ ବ୍ୟବହାର କରୁଥିବା ଗ୍ରାହକଙ୍କୁ ୫% କ୍ୟାସବ୍ୟାକ୍ (୫୦ ଟଙ୍କା ପର୍ଯ୍ୟନ୍ତ) ପ୍ରଦାନ କରୁଛି । ଏହା ସହିତ ଗ୍ରାହକମାନେ ବସ୍ ଟିକେଟ୍ ବୁକିଂରେ ୧୭% ପର୍ଯ୍ୟନ୍ତ ରିହାତି ପାଇବେ । ୬ ରୁ ୭ ମାର୍ଚ୍ଚ ମଧ୍ୟରେ ବୁକିଂରେ ଅତିରିକ୍ତ ଫ୍ଲାଟ୍ ୧୦୦ ଟଙ୍କା କ୍ୟାସବ୍ୟାକ୍ ସହିତ, ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ଫ୍ଲାଇଟ୍ ଏବଂ ହୋଟେଲ୍ ବୁକିଂରେ ପ୍ରାଇମ୍ ସଦସ୍ୟଙ୍କ ପାଇଁ ୧୦% ପର୍ଯ୍ୟନ୍ତ ରିହାତି + ୫% ଅସୀମିତ କ୍ୟାସବ୍ୟାକ୍ ଉପଭୋଗ କରିପାରିବେ ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ନୂଆ ଫଣ୍ଡ

ମୁମ୍ବାଇ, ୨୮।୨ (ସମିସ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ଏହାର ୟୁନିଟ ଲିଙ୍କଡ ଇନ୍ସୁରାନ୍ସ ପ୍ଲାନ୍ସ (ୟୁଲିପ୍) ଅଧିନରେ ଡେଭିଡେଣ୍ଡ ଲିଡର୍ସ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରିଛି । ଏହି ନୂତନ ଫଣ୍ଡ ନିରନ୍ତର ଲାଭାଂଶ ପ୍ରଦାନ କରୁଥିବା ଷ୍ଟକ୍‌ଗୁଡ଼ିକରେ ନିବେଶ କରୁଥିବାରୁ ଗ୍ରାହକ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି କରିବାକୁ ସକ୍ଷମ ହୋଇପାରିବେ । ଏହି ଫଣ୍ଡର ରଣନୀତି ୪ଟି ସ୍ତମ୍ଭ ଉପରେ ପର୍ଯ୍ୟବେସିତ । ଏଥିରେ ଲାଭାଂଶ ପରିଶୋଧ-କେନ୍ଦ୍ରିକ ଷ୍ଟକ୍ ଚୟନ, ମଜବୁତ ଆର୍ଥିକ ଓ ସ୍ଥିର ନଗଦ ପ୍ରବାହ ପାଇଁ ଲକ୍ଷ୍ୟ ରଖିଥିବା ଗୁଣବତା ଯାଞ୍ଚ, ଏକାଧିକ କ୍ଷେତ୍ରରେ ବିବିଧକରଣ ଏବଂ ପିରିଓଡିକ୍ ରିଭ୍ୟୁ ଓ ରିବାଲାନ୍ସିଙ୍ଗ ସହ ଏକ ସ୍ୱଚ୍ଛ, ନିୟମ-ଆଧାରିତ ଓ ଶୃଙ୍ଖଳିତ ନିବେଶ ପ୍ରକ୍ରିୟା ସାମିଲ ରହିଛି । ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ନିବେଶ ଅଧିକାରୀ ମନୀଷ କୁମାର କହିଛନ୍ତି ଯେ ଏହି ଡେଭିଡେଣ୍ଡ ଲିଡର୍ସ ୫୦ ଇଣ୍ଡେକ୍ସ ଫଣ୍ଡ ଏକ ସ୍ଥିର ଲାଭାଂଶ ଟ୍ରାକ ରେକର୍ଡ ଥିବା ମୌଳିକ ଭାବେ ଉନ୍ନତ କମ୍ପାନୀଗୁଡିକରେ ନିବେଶ କରି ଇକ୍ୱିଟି ବଜାରରେ ଅଂଶଗ୍ରହଣ କରିବା ପାଇଁ ଗ୍ରାହକଙ୍କୁ ଏକ ଶୃଙ୍ଖଳିତ ଓ ସ୍ୱଚ୍ଛ ମାର୍ଗ ପ୍ରଦାନ କରୁଛି । ଗତ ଜାନୁଆରୀ ୩୦ ସୁଦ୍ଧା ୩ ବର୍ଷରେ ୩୩.୬୩%, ୫ ବର୍ଷରେ ୩୦.୯୬% ଓ ୧୦ ବର୍ଷରେ ୨୦.୪୦%ର ମୋଟ ବାର୍ଷିକ ରିଟର୍ଣ୍ଣ ଉପସ୍ଥାପନ କରିଛି । ଏକ ଶୃଙ୍ଖଳିତ ନିବେଶ ରଣନୀତିର ଦୀର୍ଘକାଳିନ ସମ୍ଭାବନାକୁ ଦର୍ଶାଉଛି ।

## ଗବେଷଣା ଓ ସ୍ଥାୟୀ ନବସୃଜନକୁ ପ୍ରାଧାନ୍ୟ ଦେଉଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୨୮।୨ (ସମିସ): ଜାତୀୟ ବିଜ୍ଞାନ ଦିବସରେ ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ନିଜ କାର୍ଯ୍ୟରେ ଗବେଷଣା ଚାଳିତ ଉତ୍ପାଦନ, ଡିଜିଟାଲ୍ ନବସୃଜନ ଆଦି ମାଧ୍ୟମରେ ଭାରତର ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ । କମ୍ପାନୀର ସମନ୍ୱିତ ବୈଜ୍ଞାନିକ କର୍ମଶକ୍ତି, ଧାତୁବିଜ୍ଞାନୀ, ରସାୟନବିଦ, ପ୍ରକ୍ରିୟା ଇଞ୍ଜିନିୟର, ଡାଟା ବିଜ୍ଞାନ ଏବଂ ଡିଜିଟାଲ୍ ବିଶେଷଜ୍ଞଙ୍କ ସମେତ ମୁଖ୍ୟ ବୈଜ୍ଞାନିକ, ବୈଷୟିକ, ଡିଜିଟାଲ୍ ଏବଂ ଇଞ୍ଜିନିୟରିଂ ଭୂମିକାରେ କାର୍ଯ୍ୟ କରୁଥିବା ୮୦୦ ରୁ ଅଧିକ ମହିଳା ବୃତ୍ତିଗତଙ୍କ ସହିତ ବୈଜ୍ଞାନିକ ଏବଂ ବୈଷୟିକ ପଦବୀରେ ମୋଟ କର୍ମଶକ୍ତିର ୨୦% କାର୍ଯ୍ୟ କରୁଛନ୍ତି । ଏକ ଉଲ୍ଲେଖନୀୟ ସଫଳତା ହେଉଛି କମ୍ପାନୀର ମାଲିକାନା ବିଶୋଧନ ପ୍ରକ୍ରିୟା ଯାହା ବକ୍ସାଇଟ୍ ଅବଶିଷ୍ଟ ଉତ୍ପାଦନକୁ ୩୦% ହ୍ରାସ କରି ଆଲୁମିନା ପୁନରୁଦ୍ଧାରକୁ ବୃଦ୍ଧି କରେ । କମ୍ପାନୀ ଆଇସିଏଆର-ସିଟିସିଆରଆଇ ସହିତ ଏକ ଅଗ୍ରଣୀ ଗବେଷଣା କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରୁଛି ।

ଚଳିତ ବର୍ଷର ଜାତୀୟ ବିଜ୍ଞାନ ଦିବସରେ ବିଷୟବସ୍ତୁ ସହିତ ସମନ୍ୱୟ ରଖି, ବେଦାନ୍ତ ଆଲୁମିନିୟମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକରେ ମହିଳାଙ୍କ ଅଂଶଗ୍ରହଣକୁ ସ୍ଥିର ଭାବରେ ବିସ୍ତାର କରିଛି । ଗବେଷଣା ଓ ସ୍ଥାୟୀ ନବସୃଜନକୁ ପ୍ରାଧାନ୍ୟ ଦେଉଛି ।



ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଭାରତ ଆତ୍ମବିଶ୍ୱାସର ସହିତ ବିକଶିତ ଭାରତ ଆଡକୁ ଅଗ୍ରସର ହେଉଥିବାରୁ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଆମର ପ୍ରଗତିର ଗତି ନିର୍ଣ୍ଣୟ କରିବ । ବେଦାନ୍ତରେ ସ୍ଥାୟୀ ବିକାଶ ପାଇଁ ନବସୃଜନ, ଗବେଷଣା ଏବଂ ଆଧୁନିକ ଇଞ୍ଜିନିୟରିଂକୁ ଉପଯୋଗ




# ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବିସ୍ଫୋରଣ

## ୬୧ ଲକ୍ଷ ଭୋଟର କଟିଲେ; ଆଉ ୬୦ ଲକ୍ଷଙ୍କ ଯାଞ୍ଚ ଚାଲିଛି

କୋଲକାତା, ୨୮।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସଆଇଆର୍‌କୁ ବିରୋଧ କରି ସଡ଼କରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛନ୍ତି । ଏପରି ସମୟରେ ଏସ୍‌ଆଇଆରର ଚୂଡ଼ାନ୍ତ ଭୋଟର ତାଲିକା ଜାରି ହୋଇଛି । ଏହି ତାଲିକାରୁ ୬୧, ୭୮, ୨୪୫ ଲୋକଙ୍କ ନାମ କାଟି ଦିଆଯାଇଛି । ଏବେ ପଶ୍ଚିମବଙ୍ଗରେ ମୋଟ ୭, ୦୪, ୫୯, ୨୮୪ ଭୋଟର ଅଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ) ମନୋଜ କୁମାର ଅଗ୍ରୱାଲ କହିଛନ୍ତି । ଏସଆଇଆର୍ ପୂର୍ବରୁ ରାଜ୍ୟରେ ୭.୬୬ କୋଟି ଭୋଟର ଥିଲେ ।



ମତଦାତା ସୂଚୀ ଯାଞ୍ଚ ପ୍ରକ୍ରିୟାରେ ଫର୍ମ-୭ ମାଧ୍ୟମରେ ୫, ୪୬, ୦୫୩ ରୁ ଅଧିକ ଭୋଟରଙ୍କ ନାମ ହଟାଯାଇଛି । ଫର୍ମ-୬ ଏବଂ ୬ଏ ଜମା କରିଥିବା ୧, ୮୨, ୦୩୬ ଭୋଟରଙ୍କୁ ସାମିଲ କରାଯାଇଛି । ସିଇଓ କହିଛନ୍ତି ଯେ ଏବେ ୬୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମର ଯାଞ୍ଚ ଜାରି ରହିଛି । ମାତ୍ର ତାଙ୍କୁ ନୂଆ ଭୋଟର ତାଲିକାରେ ସାମିଲ କରାଯାଇଛି । ଏହି ନାମ ଉପରେ ନିଷ୍ପତ୍ତି ଆସିବା ପରେ ତାଲିକା ପୁଣି ବଦଳାଯିବ ।

ସୂଚନା ଅନୁଯାୟୀ, ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଗତ ବର୍ଷ ଅକ୍ଟୋବର ୨୭ରୁ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏ ପର୍ଯ୍ୟନ୍ତ ମୋଟ ୧୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଚୂଡ଼ାନ୍ତ ତାଲିକା ପ୍ରକାଶିତ ହୋଇସାରିଛି । ଏପ୍ରିଲ ୧୦ରେ ଉତ୍ତର ପ୍ରଦେଶର ଚୂଡ଼ାନ୍ତ ତାଲିକା ଆସିବ । ପଶ୍ଚିମବଙ୍ଗ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ରାଜ୍ୟ ନିର୍ବାଚନ ତାରିଖ ଘୋଷଣା ହୋଇପାରେ । ନିର୍ବାଚନ କେତେ ପର୍ଯ୍ୟାୟରେ ହେବ ତାହା ଅନୁମାନ କରାଯାଉଛି । ନିର୍ବାଚନ ତିନୋଟି ପର୍ଯ୍ୟାୟରେ ହୋଇପାରେ । ନିର୍ବାଚନ କମିଶନ ପୂର୍ବରୁ ତାମିଲନାଡୁ ଏବଂ ଆସାମ ଗସ୍ତ କରିସାରିଲେଣି । ମାତ୍ର ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଗସ୍ତରେ ଯାଇ ନାହାନ୍ତି ।

## ଖସିପଡ଼ିଲା ନୋଟ୍ ଭର୍ତ୍ତି ସେନା ବିମାନ; ୧୫ ମୃତ

ଲା ପାଜ୍, ୨୮ ।୨(ଏଜେନ୍ସି): କେନ୍ଦ୍ରୀୟ ଲାଟିନ ଆମେରିକୀୟ ଦେଶ ବୋଲିଭିଆର ଏଲ୍ ଆଲ୍ଟୋ ସହରରେ ଶନିବାର ସକାଳେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । ବଲିଭିଆ ବାୟୁସେନାର ଏକ ହରକ୍ୟୁଲେସ ବିମାନ ରନୱେରୁ ଖସିଯାଇ ଏକ ବ୍ୟସ୍ତବହୁଳ ହାଇୱେ ଉପରେ କ୍ରାଶ୍ ହୋଇଛି । ଏହି ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଖରାପ ପାଗ ଯୋଗୁଁ ଲ୍ୟାଣ୍ଡିଂ ସମୟରେ ବିମାନଟି ନିୟନ୍ତ୍ରଣ ହରାଇ ରନୱେରୁ ଖସି ଯାଇଥିଲା ଏବଂ ପାଖରେ ଥିବା ଏକ ସଡ଼କ ଉପରକୁ ମାଡ଼ି ଯାଇଥିଲା । ବିମାଟି ଦେଶର ସେଣ୍ଟ୍ରାଲ ବ୍ୟାଙ୍କ୍‌ର ନୂଆ ନୋଟ୍ ନେଇ ଅନ୍ୟ ସହରକୁ ଯାଉଥିଲା । ଦୁର୍ଘଟଣା ପରେ ରାସ୍ତା ସାରା ନୋଟ୍ ବିଛାଡ଼ି ହୋଇ ପଡ଼ିଥିଲା । ଏହାକୁ ଉଠାଇବା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ବିମାନଟି ରାସ୍ତା ଉପରେ ପଡ଼ିବା ଫଳରେ ସେଠାରେ ଠିଆ ହୋଇଥିବା ପ୍ରାୟ ୧୦ରୁ ୧୫ଟି ଗାଡ଼ି ଚୂର୍‌ମାର ହୋଇଯାଇଛି । ନୋଟ୍ ଲୁଟୁଥିବା ବା ଉଠାଉଥିବା ଲୋକଙ୍କୁ ଘଉଡ଼ାଇବା ପାଇଁ ପୁଲିସ୍‌କୁ ଲୁହବୁହା ଗ୍ୟାସ୍ ଓ ୱାଟର କ୍ୟାନନ୍ (ପାଣି ମାଡ଼) ବ୍ୟବହାର କରିବାକୁ ପଡ଼ିଥିଲା । ଦୁର୍ଘଟଣା ପରେ ବିମାନଟି ଦୁଇଖଣ୍ଡ ହୋଇଯାଇଥିଲା । ଏହାପରେ ଅଲ୍ ଆଲ୍ଟୋ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି । ବୋଲିଭିଆ ସେଣ୍ଟ୍ରାଲ ବ୍ୟାଙ୍କ ତରଫରୁ ଏହି ଘଟଣା ନେଇ ଖୁବ୍‌ଶୀଘ୍ର ଏକ ପ୍ରେସ୍ ବ୍ରିଫିଙ୍ଗ୍ କରାଯିବ । ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନିଆଯାଇଛି । ଦୁର୍ଘଟଣାର କାରଣ ଜାଣିବା ପାଇଁ ସରକାରୀସ୍ତରରେ ତଦନ୍ତ ଆରମ୍ଭ ହୋଇଛି । ଆହତମାନଙ୍କୁ ଡାକ୍ତରଖାନରେ ଚିକିତ୍ସା କରାଯାଉଛି ।

## ଆସାମରେ ମାର୍ଚ୍ଚ ୧୦ ସୁଦ୍ଧା ବିଜେପିର ମେଣ୍ଟ ପ୍ରକ୍ରିୟା ସରିବ

ଗୌହାଟୀ, ୨୮ ।୨(ଏଜେନ୍ସି): ଆସାମରେ ଆସନ୍ତା ଏପ୍ରିଲ୍-ମେ ମାସ ଆଡ଼କୁ ବିଧାନସଭା ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ବର୍ତ୍ତମାନଠାରୁ ରାଜ୍ୟରେ ରାଜନୈତିକ ପରିବେଶ ବେଶ୍ ସରଗରମ ରହିଛି । ବିଜେପିର ମେଣ୍ଟ ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୧୦ ସୁଦ୍ଧା ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୂଚନା ଦେଇଛନ୍ତି । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟରେ ଆସାମ ଗଣ ପରିଷଦ (ଏଜିପି) ପୁରୁଣା ସହଯୋଗୀ ଦଳ ଓ ମେଣ୍ଟର ଏକ ପ୍ରତିଷ୍ଠାତା ସଦସ୍ୟ ଭାବେ ରହିଆସିଛି । ସେହିପରି ବିଜେପି ବିପିଏଫ୍ (ବୋଡ଼ୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ) ସହ ମାର୍ଚ୍ଚ ୧୦ ସୁଦ୍ଧା ଆସନ ଭାଗବଣ୍ଟା ଶେଷ କରିବ ବୋଲି ଆଶା କରାଯାଉଛି । ଗତ ନିର୍ବାଚନରେ ବିପିଏଫ୍ କଂଗ୍ରେସ ସହ ଥିଲା । କିନ୍ତୁ ଏଥର ଏହି ଦଳ ଏନ୍‌ଡିଏକୁ ଫେରିଛି । ସେହିପରି ବୋଡ଼ୋଲ୍ୟାଣ୍ଡ ଅଞ୍ଚଳର ଅନ୍ୟତମ ସହଯୋଗୀ ୟୁପିପିଏଲ୍ ସହ ଆସନ ଭାଗବଣ୍ଟା ନେଇ ଆଲୋଚନା ସାମାନ୍ୟ ଅଟକି ରହିଯାଇଥିଲେ ମଧ୍ୟ ସେମାନେ କଂଗ୍ରେସ ସହ ଯିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ କଂଗ୍ରେସ ନିଜର ଆସନ ଭାଗବଣ୍ଟାକୁ ନେଇ କିଛିଟା ସମସ୍ୟାର ସମ୍ମୁଖୀନ ହୋଇଛି । ତେବେ କଂଗ୍ରେସ ସହ ଆଞ୍ଚଳିକ ଦଳ ଆସାମ ଜାତୀୟ ପରିଷଦ (ଏଜେପି) ଓ ବାମପନ୍ଥୀ ଦଳଗୁଡ଼ିକ ସହ ଆସନ ଭାଗବଣ୍ଟା ପ୍ରାୟତଃ ଶେଷ ହୋଇଛି ଏବଂ ଏ ନେଇ ହାଇକମାଣ୍ଡଙ୍କ ଘୋଷଣାକୁ ଅପେକ୍ଷା କରାଯାଇଛି ।

## ଦୁବାଇ ବିମାନବନ୍ଦର ବନ୍ଦ; ଖାଲି ହେଲା ବୁର୍ଜ ଖଲିଫା

ଦୁବାଇ, ୨୮ ।୨(ଏଜେନ୍ସି): ଶନିବାର ଆରବ ଦେଶଗୁଡ଼ିକ ଉପରେ ଇରାନର ବ୍ୟାପକ କ୍ଷେପଣାସ୍ତ୍ର ଆକ୍ରମଣ ପରେ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ହବ୍ ଦୁବାଇ ବିମାନ ବନ୍ଦରକୁ ବନ୍ଦ କରାଯାଇଛି । ଫଳରେ ସବୁ ପ୍ରକାର ବିମାନ ଚଳାଚଳକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ଦୁବାଇ ବିମାନ ବନ୍ଦର କର୍ତ୍ତୃପକ୍ଷ ଦୁବାଇ ଅନ୍ତର୍ଜାତୀୟ (ଡିଏକ୍ସବି) ଓ ଅଲ୍ ମାକତୁମ୍ ଅନ୍ତର୍ଜାତୀୟ ବିମାନ ବନ୍ଦର ବନ୍ଦ କରିବା ନେଇ ଘୋଷଣା କରିଛନ୍ତି । ଆଞ୍ଚଳିକ ସଂଘର୍ଷ ବଢୁଥିବାରୁ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ବିମାନବନ୍ଦର କର୍ତ୍ତୃପକ୍ଷ ଏକ ବିବୃତିରେ କହିଛନ୍ତି ଯେ ସମସ୍ତ ବିମାନ ଚଳାଚଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିବ । ଯାତ୍ରୀମାନଙ୍କୁ ବର୍ତ୍ତମାନ ବିମାନ ବନ୍ଦର ନ ଆସିବାକୁ ପରାମର୍ଶ ଦିଆଯାଉଛି । ନିଜ ନିଜ ବିମାନର ସଦ୍ୟତମ ସୂଚନା ପାଇଁ ସମ୍ପୃକ୍ତ ଏୟାର ଲାଇନ୍ସ ସହ ସିଧାସଳଖ ଯୋଗାଯୋଗ କରନ୍ତୁ । ଏହା ଫଳରେ ହଜାର ହଜାର ବିମାନ ଯାତ୍ରୀ ବିମାନ ବନ୍ଦରରେ ଅଟକ ରହିଥିବା ଭିଡ଼ିଓରେ ଦେଖିବାକୁ ମିଳିଛି । ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଜବାବରେ ଇରାନ ଗଲ୍ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟି ଓ ସହଯୋଗୀ ସ୍ଥାନଗୁଡ଼ିକ ଉପରେ ବାଲିଷ୍ଟିକ ମିସାଇଲ ମାଡ଼ କରିଛି । ଦୁବାଇ ବିମାନ ବନ୍ଦର ବନ୍ଦ ହେବ ଯୋଗୁଁ ବିଶ୍ୱବ୍ୟାପୀ ବିମାନ ଚଳାଚଳରେ ବିରାଟ ବ୍ୟାଘାତ ସୃଷ୍ଟି ହୋଇଛି । ଏହାସହିତ ଦୁବାଇସ୍ଥିତ ସର୍ବୋଚ୍ଚ ଅଟ୍ଟାଳିକା ବୁର୍ଜ ଖଲିଫାକୁ ମଧ୍ୟ ଆକ୍ରମଣ ଭୟରେ ଖାଲି କରିଦିଆଯାଇଛି ।



## ଓମାନକୁ ଛାଡ଼ି ସବୁ ଆରବ ଦେଶ ଉପରେ ଇରାନର ଆକ୍ରମଣ

ମସ୍କାଟ, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ଚାଲିଥିବା ବେଳେ ଇରାନ ସମଗ୍ର ଗଲ୍ ତଥା ଉପସାଗରୀୟ ଦେଶ ଉପରେ ମିସାଇଲ ମାଡ଼ କରିଛି । ଯୁଦ୍ଧ ଆରମ୍ଭ ହେବା ମାତ୍ରେ ଦୁବାଇରୁ ଦୋହା ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ସହରରେ ସାଇରନ ବାଜୁଥିଲା । କିନ୍ତୁ ଏହି ଭୟଙ୍କର ସଂଘର୍ଷ ମଧ୍ୟରେ ଓମାନ ଏକମାତ୍ର ବ୍ୟତିକ୍ରମ ଭାବେ ଉଭା ହୋଇଛି । ଇରାନ ଗଲ୍‌ର ଅନ୍ୟ ଦେଶଗୁଡ଼ିକ ଉପରେ ମିସାଇଲ ବର୍ଷା କରିଥିବା ବେଳେ ଓମାନ ଏଥିରୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି । ଏହାର କାରଣ ହେଉଛି ଓମାନ ଓ ଇରାନ ମଧ୍ୟରେ ଥିବା ୫୦ ବର୍ଷର ପୁରୁଣା ସମ୍ପର୍କ ଓ ଓମାନର ସ୍ୱତନ୍ତ୍ର ବିଦେଶ ନୀତି । ଏହି ସମ୍ପର୍କର ମୂଳଦୁଆ



୧୯୭୦ ଦଶକରେ ପଡ଼ିଥିଲା । ଓମାନର ତତ୍‌କାଳୀନ ସୁଲତାନ କାବୁସ ବିନ୍ ସଇଦଙ୍କ ବିରୋଧରେ ହୋଇଥିବା ବିଦ୍ରୋହକୁ ଦମନ କରିବା ପାଇଁ ଇରାନର ଶାହା ହଜାର ହଜାର ସୈନ୍ୟ ପଠାଇ ସାହାଯ୍ୟ କରିଥିଲେ । ସେବେଠାରୁ ଦୁଇ ଦେଶ ମଧ୍ୟରେ ଏକ ଅତୁଟ ବିଶ୍ୱସ ଅଛି । ୧୯୭୯ ଇରାନ ବିପ୍ଳବ ପରେ ମଧ୍ୟ ଓମାନ ଏହି ବନ୍ଧୁତା ବଜାୟ ରଖିଥିଲା । ଓମାନଙ୍କୁ ମଧ୍ୟପ୍ରାଚ୍ୟର ସ୍ୱିଜରଲାଣ୍ଡ ବୋଲି କୁହାଯାଇଥାଏ । କାରଣ ଓମାନ ସବୁବେଳେ ନିରପେକ୍ଷ ବିଦେଶ ନୀତି ଅବଲମ୍ବନ କରିଥାଏ । ଓମାନ ସବୁବେଳେ ପାଶ୍ଚାତ୍ୟ ଦେଶ ଓ ଇରାନ ମଧ୍ୟରେ ମଧ୍ୟସ୍ଥତା କରିଆସିଛି । ଇରାନ କେବଳ ସେହି ଦେଶଗୁଡ଼ିକୁ ଟାର୍ଗେଟ କରିଛି, ଯେଉଁଠାରେ ଆମରିକାର ସାମରିକ ଘାଟି ରହିଛି । ଓମାନରେ କିନ୍ତୁ କୌଣସି ଘାଟି ରହିନାହିଁ ।

